## ପରିବର୍ତ୍ତିତ ସୂଚନା



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କାର୍ଯ୍ୟରତ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଓଡ଼ିଶା ଲଳିତ କଳା ଏକାଡ଼େମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ନିମ୍ନୋକ୍ତ ପଦ ଓ ପଦବୀ ଗୁଡ଼ିକ ପାଇଁ ଦରଖାସ୍ତ / ଆବେଦନ ଗ୍ରହଣ କରାଯାଉଅଛି ଯାହା ଆସନ୍ତା ନଭେମ୍ବର ତା ୧୨-୧୧-୨୦୨୦ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତି ଡାକ ମାଧମରେ ବା ନିଜେ ଆସି ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସର, ବି.ଜେ.ବି ନଗର, ଭୁବନେଶ୍ୱର, ପିନ୍ ନଂ.୭୫୧୦୧୪ ରେ ଦାଖଲ କରି ପାରିବେ । ଆବେଦନ କରୁଥିବା ବ୍ୟକ୍ତି, ଆବେଦନ ପତ୍ରକୁ ସମ୍ପୂର୍ଣ୍ଣ ତଥ୍ୟ ସହ ପୂରଣ କରି ନିଜ ସ୍ୱାକ୍ଷର ସହ ଗୋଟିଏ ଲଫାପା ମଧରେ ମୁଦ କରି ଦାଖଲ କରିବେ ବା ଡାକ ଦ୍ୱାରା ପଠାଇବେ । ଲଫାପାର ଶିରୋଭାଗରେ ଆବେଦନ କରିଥିବା ପଦ ବା ପଦବୀର ନାମ ଲେଖିବେ ।

### ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

**ପଦ - ସଭାପତି : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର**
**ଉପ ସଭାପତି : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର**

ଏହି ଦୁଇ ଗୋଟି ପଦ ପାଇଁ ଇଚ୍ଛୁକ ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ଅଶି (୮୦) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏହି ପଦ ପାଇଁ ନିଜର ଆବେଦନ ପତ୍ର ଦାଖଲ କରି ପାରିବେ । ଜଣେ ବ୍ୟକ୍ତି ଯଦି ଉଭୟ ପଦ ପାଇଁ ଆବେଦନ କରୁଛନ୍ତି ତାଙ୍କୁ ଦୁଇ ଗୋଟି ଆବେଦନ ପତ୍ର ଦାଖଲ କରିବାକୁ ହେବ ।

**ପଦବୀ – ସମ୍ପାଦକ : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର**

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ପଞ୍ଚଷଠି (୬୫) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଓଡ଼ିଆ ଭାଷା ଓ ସାହିତ୍ୟରେ ଆଗ୍ରହ, ରଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

### ଓଡ଼ିଶା ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର

**ପଦ - ଉପ ସଭାପତି : ଓଡ଼ିଶା ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର**

ଏହି ପଦ ପାଇଁ ଇଚ୍ଛୁକ ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ଅଶି (୮୦) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ଦୃଶ୍ୟମାନ କଳା, ଚାରୁ ଓ କାରୁକଳା, ଚିତ୍ରକଳା, ସ୍ଥାପତ୍ୟ ଇତ୍ୟାଦି କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ, ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଏହି କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧି ପ୍ରାପ୍ତ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରି ପାରିବେ ।

**ପଦବୀ – ସମ୍ପାଦକ : ଓଡ଼ିଶା ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର**

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ପଞ୍ଚଷଠି (୬୫) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଚାରୁ ଓ କାରୁକଳା, ଚିତ୍ରକଳା, ଦୃଶ୍ୟମାନ କଳା, ସ୍ଥାପତ୍ୟ ଇତ୍ୟାଦିରେ ଆଗ୍ରହ, ରଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

Scanned by CamScanner

## ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

ପଦ - ସଭାପତି : ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

ଉପ ସଭାପତି : ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

ଏହି ଦୁଇ ଗୋଟି ପଦ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ଅଶି (୮୦) ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ନୃତ୍ୟ, ସଙ୍ଗୀତ, ନାଟକ ଇତ୍ୟାଦି କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ, ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଏହି କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧି ପ୍ରାପ୍ତ ବ୍ୟକ୍ତି ଏହି ପଦ ପାଇଁ ନିଜର ଆବେଦନ ପତ୍ର ଦାଖଲ କରି ପାରିବେ । ଜଣେ ବ୍ୟକ୍ତି ଯଦି ଉଭୟ ପଦ ପାଇଁ ଆବେଦନ କରୁଛନ୍ତି ତାଙ୍କୁ ଦୁଇ ଗୋଟି ଆବେଦନ ପତ୍ର ଦାଖଲ କରିବାକୁ ହେବ ।

## ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ, ଭୁବନେଶ୍ୱର

ପଦବୀ – ସମ୍ପାଦକ : ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ, ଭୁବନେଶ୍ୱର

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତି ସାବାଳକ ହୋଇଥିବେ ଏବଂ ପଞ୍ଚଷଠି (୬୫) ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଉର୍ଦ୍ଦୁ ଭାଷା ଓ ସାହିତ୍ୟରେ ଆଗ୍ରହ, ରଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

ରଞ୍ଜନ କୁମାର ଦାସ
୩.୧୧.୨୦୨୦
ନିର୍ଦ୍ଦେଶକ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

Scanned by CamScanner